# ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି
## ଜ଼ିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା
## ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , (ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ)
## ଭବାନୀପାଟଣା


---

ପତ୍ର ସଂ - ୦୩ | ସପ୍ତାହ- ୦୨ | ତାରିଖ- ୦୮.୦୧.୨୦୧୯

## ପାଣିପାଗ ଭିତିକ କୃଷି ଉପଦେଶ - ନୂଆପଡା ଜ଼ିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ - ୦୯.୦୧.୨୦୧୯ ରୁ ୧୩.୦୧.୨୦୧୯ ପର୍ଯ୍ୟନ୍ତ:**

ଆସନ୍ତା ୧୩.୦୧.୨୦୧୯ ପର୍ଯ୍ୟନ୍ତ ନୂଆପଡା ଜ଼ିଲ୍ଲା ପାଗ ଶୁଖିଲା ରହିବା ସମ୍ଭବାନା ଅଛି. ଏହି ସମୟରେ ଆକାଶ ମେଘ ମୁକ୍ତ ରହିବା ସମ୍ଭାବନା ଅଛି. ପବନ ଦକ୍ଷିଣ-ପୂର୍ବ ଦିଗରୁ ଘଣ୍ଟା ପ୍ରତି ୦୦୨-୦୦୪ କି.ମି. ବେଗ ବୋହିବା ସମ୍ଭାବନା ଅଛି.ଏହି ସମୟ ରେ ଦିନ ର ସର୍ବାଧିକ ତାପମାତ୍ରା ୨୭-୩୦ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୦-୧୧ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୫୫-୬୭ % ଓ ୩୦-୩୪ % ରହିବା ସମ୍ଭାବନା ଅଛି.

**ପାଣିପାଗ ଭିତିକ କୃଷି ଉପଦେଶ:**

- ଆଖୁ ଓ ପନିପରିବା ରେ ଜଳସେଚନ ଯୋଜନା ମାଟି ର ବତାର କୁ ଦେଖି କରନ୍ତୁ.
- ଫସଲ ରେ ଔଷଧ ସିଞ୍ଚନ ସିଞ୍ଚନ କରନ୍ତୁ.
- ପାକଳ ଫସଲ ଅମଳ କରନ୍ତୁ.
- ପନିପରିବା ରେ ଝାଉଁଳା ରୋଗ ଓ ଟମାଟୋ, ଫୁଲକୋବି ଓ ବନ୍ଧାକୋବି ରେ ପତ୍ର ଖିଆ ପୋକ ଓ ଫଳବିନ୍ଧାପୋକ ଲାଗିବାର ସମ୍ଭାବନା ଥିବାରୁ ଧ୍ୟାନ ଦିଅନ୍ତୁ.
- ବର୍ତମାନ ପାଗ ରେ ମୁଗ ଓ ବିରି ରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଥିବାରୁ ସେଠି ପ୍ରତି ଧ୍ୟାନ ଦିଅନ୍ତୁ.

**ଡ଼ାଲୁଅ ଧାନ**

- ଡ଼ାଲୁଅ ଧାନ ଚାଷ ପାଇଁ କାଦୁଆ ତଳି ଘେରା ପ୍ରସ୍ତୁତ କରନ୍ତୁ. ଏକରକୁ ୨୦ କିଲୋ ଉନ୍ନତ କିସମ ସହଲା ଓ ମାଧ୍ୟମ କିସମ ଧାନ ବିହନ ଯଥା ଖଣ୍ଡଗିରି, ସିଦ୍ଧାନ୍ତ, ବନ୍ଦନା, ଏମ.ଟି.ଇଉ. ୧୦୧୦, ନବୀନ,କୋଣାର୍କ, ଲଲାଟ ଇତିଆଦି ବ୍ୟବହାର କରନ୍ତୁ.
- ଧାନ ବିହନ କୁ ଗୋଟିଏ ରାତି ପାଣି ରେ ଭିଜାଇ ରଖିଲା ପରେ ସକାଳ ସମୟରେ ପାଣିନିଗଦି ଦିଅନ୍ତୁ ଓ ଏହାପରେ ବିହନକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ଅଖା ବସ୍ତା ଉପରେ ଘୋଡାଇ ରଖନ୍ତୁ. ମଞ୍ଜି ଗଜା ଫାଟିବା ପରେ ଯଥା ଶୀଘ୍ର ବିହନ ବୁଣନ୍ତୁ.
- ତଳି ଘେରାରେ ବିହନ ବର୍ତମାନ ଗଜା ରୁ ଦୁଇ ସପ୍ତାହ ଚାରା ଅବସ୍ଥାରେ ଅଛି. ତଳି ଘେରା କୁ ଥଣ୍ଡା ପ୍ରକୋପ ରୁ ରକ୍ଷା କରିବା ପାଇଁ ହାଲୁକା ଜଳସେଚନ କରନ୍ତୁ.
- ଧାନ ତଳି ୩ ସପ୍ତାହ ଅବସ୍ଥା ରେ ମୁଖ୍ୟ ଜମି ରେ ରୋଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ. ଶେଷ ଡ଼ ଚାଷ ପୂର୍ବରୁ ଏକରକୁ ୨ ଟନ ଗୋବର ଖତ ପ୍ରୟୋଗ କରନ୍ତୁ. ଧାନ ରୋଇବା ପୂର୍ବରୁ ସହଲା କିସମ ରେ ଏକର କୁ ୨୫କିଲୋ ଡି.ଏ.ପି. ସହିତ ୨୦ କିଲୋ ଏମ.ଓ.ପି. ଏବଂ ମାଧ୍ୟମ କିସମ ରେ ୩୫ କିଲୋ ଡି.ଏ.ପି. ସହିତ ୨୫ କିଲୋ ଏମ.ଓ.ପି ସାରା ପ୍ରୟୋଗ କରନ୍ତୁ.

**କପା:**

- କପା ବର୍ତମାନ ଫଳ ଫଳ ଫାଟିବା (୨୫-୨୭ ସପ୍ତାହ) ଅବସ୍ଥା ରେ ଅଛି. ପାକଳ ଫାଟି ଥିବା ଫଳ ରୁ କପା ସଂଗ୍ରହ କରନ୍ତୁ. ଓଦା ହୋଇଥିବା କପା କୁ ଖରା ରେ ଶୁଖାଇ ରଖନ୍ତୁ.

**ହରଡ:**

- ହରଡ଼ ଫସଲ ବର୍ତମାନ ମଞ୍ଜି ପୁରଣ ରୁ ଅମଳ ହେବା ହେବା (୨୫-୨୮ ସପ୍ତାହ) ଅବସ୍ଥା ରେ ଅଛି.
- **ହରଡ଼ ରେ ଛୁଇଁ ବିନ୍ଧା ପୋକ ନିଅନ୍ତ୍ରଣା ପାଇଁ ଏକର କୁ flubendiamide 48% SC ୫୦ ମିଳି କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.**

**ଆଖୁ :**

- ଆଖୁ ବର୍ତମାନ ପାକଳ (୪୪-୪୬ ସପ୍ତାହ) ଅବସ୍ଥା ରେ ଅଛି . ଏହିସମୟରେ ଆଖୁ ରେ ୧୫ ଦିନ ଅନ୍ତରେ ଜଳସେଚନ କରନ୍ତୁ.

**ମୁଗ ଓ ବିରି :**

- ମୁଗ ଓ ବିରି ବର୍ତମାନ ୧-୪ ସପ୍ତାହ ଅବସ୍ଥାରେ ଅଛି.
- ମୁଗ ଓ ବିରି ରେ ପତ୍ର ଖିଆ ପୋକ ଲାଗିଲେ ଏକର କୁ fipronil 5% SL ୪୦୦ ମିଲୀ l or indoxacarb14.5% SC ୨୦୦ ମିଲୀ ଔଷଧ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.
- ବର୍ତମାନ ପାଗ ରେ ମୁଗ ଓ ବିରି ଫସଲ ରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି. ଏହାର ନିଅନ୍ତ୍ରଣା ପାଇଁ ଏକରକୁ ୬୦୦ ଗ୍ରାମ sulphur କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

**ପନିପରିବା;**

- ମୁଖ୍ୟ ଜମି ରେ ପିଆଜ ବର୍ତମାନ ୧-୪ ସପ୍ତାହ ଅବସ୍ଥା ରେ ଅଛି.
- **୪ ସପ୍ତାହ ଅବସ୍ଥାରେ ପିଆଜ ରେ କୋଡା ଖୋସା କରି ଘଷା ବାଛି ଦିଅନ୍ତୁ.** ଏକରକୁ ୪୫ କିଲୋ ୟୁରିଆ, ପ୍ରୟୋଗ କରି ଜଳସେଚନ କରନ୍ତୁ..
- ଟମାଟୋ , ବନ୍ଧା କୋବି ଓ ଫୁଲକୋବି ୮-୧୦ ସପ୍ତାହ ଅବସ୍ଥା ରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ
- ବନ୍ଧାକୋବି ଓ ଫୁଲକୋବି ରେ ପତ୍ର ଖିଆ ପୋକ ଓ ଫଳବିନ୍ଧା ପୋକ ଲାଗିବାର ସମ୍ଭାବନା ଅଛି. ଏହାର ନିଅନ୍ତ୍ରଣା ପାଇଁ ଏକରକୁ fipronil ୫% SL ୪୦୦ ମିଲି କିମ୍ବା emamectinbenzoate ୫ % SG ୮୦ଗ୍ରାମ କିମ୍ବା indoxacarb ୧୪.୫ % SC ୨୦୦ମିଲି କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.
- ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବା ସମ୍ଭାବନା ଅଛି. ଝାଉଁଳା ରୋଗ ଲାଗିଲେ ଏହାର ନିଅନ୍ତ୍ରଣା ପାଇଁ ଏକରକୁ ୩୦୦ ଗ୍ରାମ sterptocyline sahita ୫୦୦ ଗ୍ରାମcoper oxychloride କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

**ସହଯୋଗୀ ଗବେଷଣା ନିର୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**